## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୩ ଗିରଫ

କୁନ୍ଦୁରା, ୨।୬(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ଦେଶୀ ମଦ ଚୋରା କାରବାର ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ସମୟରେ ପୋଲିସ ଏବଂ ଅବକାରୀ ବିଭାଗ ଧରପଗଡ଼ କରୁଥିଲେ ମଧ୍ୟ ଚୋରା ମଦ ବେପାରୀଙ୍କ ଉପରେ କିଛି ପ୍ରଭାବ ପଡୁନାହିଁ। ଅବକାରୀ କମିଶନର ନରସିଂହ ଭୋଳଙ୍କ ନିର୍ଦ୍ଦେଶରେ ଅବକାରୀ ବିଭାଗର ଏକ ଟିମ୍ ରବିବାର ପ୍ରଧାନିପୁଟ, ଶୁଣ୍ଡିଗୁଡା ଏବଂ ଉଦଲଆଗୁଡା ଗ୍ରାମରେ ଚଢାଉ କରି ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୮୫ ଲିଟର ମଦ ଜବତ କରାଯାଇଛି।



ଗିରଫ ଅଭିଯୁକ୍ତ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ମାଲକାନଗିରି, ୨।୬(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାର ବରିଷ୍ଠ କ୍ୟାମେରାମ୍ୟାନ ଭିକି ଶଗଡିଆଙ୍କ ଝୁଲନ୍ତା ମୃତଦେହ ତାଙ୍କ ବାସଭବନରୁ ରବିବାର ଜବତ ହୋଇଛି । ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେ ବିଭିନ୍ନ ଗଣମାଧ୍ୟମରେ କ୍ୟାମେରାମ୍ୟାନ ଭାବେ କାର୍ଯ୍ୟ କରୁଥିଲେ। ଜିଲା ସଦର ମହକୁମାର ଟାଗୋର ସୋସାଇଟି ନିକଟରେ ଥିବା ତାଙ୍କ ବାସଭବନରୁ ଝୁଲନ୍ତା ମୃତଦେହ ଜବତ ହୋଇଛି। ଗତ କିଛି ମାସ ହେଲା ସେ କୌଣସି ସଂସ୍ଥା ସହ ଜଡିତ ନ ଥିଲେ। ତେବେ ଗତ କିଛି ମାସ ପୂର୍ବେ ତାଙ୍କ ପିତାଙ୍କ ଦେହାନ୍ତ ପରେ ସେ ଏକପ୍ରକାର ଭାଙ୍ଗିପଡିଥିବା ବେଳେ ମାନସିକ ଚାପରେ ରହୁଥିଲେ। ଶନିବାର ବିଳମ୍ବିତ ରାତିରେ ସେ ଘରକୁ ଆସିଥିବା ବେଳେ ରବିବାର ଭୋରୁ ତାଙ୍କ କୋଠରିରେ ଭିକିଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ଯାହାକୁ ନେଇ ପରିବାର ଓ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର ଅଭିଯୋଗ

ଜୟପୁର, ୨।୬(ପବନ ପାଣିଗ୍ରାହୀ)

ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିବା ନେଇ ଜୟପୁର ମହିଳା ଥାନାରେ ରବିବାର ଅଭିଯୋଗ ହୋଇଛି। ବୈପାରିଗୁଡା ଅଞ୍ଚଳର ଜଣେ ଯୁବତୀଙ୍କ ମାଛକୁଣ୍ଡ ଅଞ୍ଚଳର ସୁବାସ ସୁଆବି (୨୦)ଙ୍କ ସହ ପ୍ରେମ ସମ୍ପର୍କ ରହିଥିଲା। ପରେ ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ରହିଥିଲା। ଯୁବତୀ ଜଣକ ଏବେ ୮ ମାସର ଗର୍ଭବତୀ ଥିବା ବେଳେ ସୁବାସ ତାଙ୍କୁ ବିବାହ କରିବାକୁ ମନା କରିଦେଇଛନ୍ତି। ଫଳରେ ଯୁବତୀ ଜଣକ ନ୍ୟାୟ ପାଇଁ ମହିଳା ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଅନିତା କୁଜୁର କହିଛନ୍ତି।

# କଡ଼ା ସୁରକ୍ଷାରେ ହେବ ଭୋଟ ଗଣତି: ଉପଜିଲାପାଳ




ଖବରଦାତା ସମ୍ମିଳନୀରେ ଉପଜିଲାପାଳ ଭୋଟଗଣତି ସମ୍ପର୍କରେ ସୂଚନା ଦେଉଛନ୍ତି।

ଜୟପୁର, ୨।୬(ପବନ ପାଣିଗ୍ରାହୀ)

ଆସନ୍ତା ୪ ତାରିଖରେ କଡ଼ା ସୁରକ୍ଷା ବଳୟରେ ସକାଳ ୮ଟାରେ ଭୋଟ ଗଣତି ହେବ ବୋଲି ଏଆରଓ ତଥା ଜୟପୁର ଉପଜିଲାପାଳ ପ୍ରଭାତ ପରିଡ଼ା ରବିବାର ଜୟପୁର ପୌର ସଭାଗୃହରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ଭୋଟ ଗଣତି ହେବ। କୋଟପାଡ଼ ଓ ଜୟପୁର ବିଧାନସଭା ନିବାଚନମଣ୍ଡଳୀ ସହ କୋରାପୁଟ ଓ ନବରଙ୍ଗପୁର ସଂସଦୀୟ କ୍ଷେତ୍ରର ଭୋଟ ଗଣତି ହେବ। ଜୟପୁର ଦଶହରା ପଡ଼ିଆ ଦେଇ ସମସ୍ତେ ବିଶ୍ୱବିଦ୍ୟାଳୟକୁ ପ୍ରବେଶ କରିବେ। ଦଶହରା ପଡିଆଠାରେ ଭୋଟ ଗଣତିର ତଥ୍ୟ ସମ୍ପର୍କରେ ଜାଣିବା ପାଇଁ ୧ ହଜାର ଲୋକଙ୍କ ପାଇଁ ଟେଣ୍ଟର ବ୍ୟବସ୍ଥା, ଏଲ୍ଇଡି ଟିଭି ଲାଗିବା ସହ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ଗଣତି ହଲ ନିକଟରେ ମିଡିଆ ସେଲ କରାଯାଇଛି। ଜୟପୁର ନିର୍ବାଚନମଣ୍ଡଳୀର ୨୩୮ ବୁଥ୍ ପାଇଁ ୧୦ଟି ଟେବୁଲ କରାଯାଇଛି। ଏହି ଟେବୁଲରେ ୨୪ ରାଉଣ୍ଡ ଗଣତି ହେବ। ସେହିପରି କୋଟପାଡ଼ ନିର୍ବାଚନମଣ୍ଡଳୀ ପାଇଁ ୨୪୩ଟି ବୁଥ ପାଇଁ ମଧ୍ୟ ୧୦ଟି ଟେବୁଲ କରାଯାଇଛି। ୨୫ ରାଉଣ୍ଡ ଗଣତି କରାଯିବ। ପୋଷ୍ଟାଲ ବାଲଟ ପାଇଁ ୫ଟି ଟେବୁଲ ହୋଇଛି। ପ୍ରଶାସନ ପକ୍ଷରୁ ଟ୍ରାଫିକ୍ ଓ ଭିଡ଼ ନିୟନ୍ତ୍ରଣ ପାଇଁ ନବରଙ୍ଗପୁର, ବୋରିଗୁମ୍ମା ଓ କୋଟପାଡ଼ ପଟୁ ଆସୁଥିବା ସମସ୍ତ ଗାଡ଼ି କେନାଲ ରୋଡ ଦେଇ ଗାନ୍ଧୀ ଛକରେ ବାହାରିବେ। କୋରାପୁଟ ପଟୁ ଆସୁଥିବା ସମସ୍ତ ଗାଡି ଗାନ୍ଧୀ ଛକ ବାଇପାସ୍ କେନାଲ ରୋଡ ଦେଇ ବାହାରିବେ। ମୁଖ୍ୟ ଟ୍ରାଫିକ ଛକଠାରୁ ଖ୍ରୀଷ୍ଟିଆନପେଟା ଛକଯାଏ ଗାଡି ଚଳାଚଳକୁ ବନ୍ଦ କରାଯାଇ ଚଲାପଥ କରାଯାଇଛି। ପ୍ରଥମେ ବାଲଟ ପେପର ଗଣତି କରାଯିବ ଓ ପରେ ଇଭିଏମ୍ ଗଣତି ହେବ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଷ୍ଟ୍ରଙ୍ଗରୁମ ନିକଟରେ ଆମ୍ବୁଲାନ୍ସ ସହ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କରାଯାଇଛି। ଗଣତି ହଲ୍‌କୁ କେବଳ କାଉଣ୍ଟିଂ ସୁପରଭାଇଜର, ଆସିଷ୍ଟାଣ୍ଟ କାଉଣ୍ଟିଂ ସୁପରଭାଇଜର ଓ ମାଇକ୍ରୋ ଅବ୍‌ଜରଭର ଓ ପ୍ରାର୍ଥୀଙ୍କ ଏଜେଣ୍ଟମାନେ ପ୍ରବେଶ କରିପାରିବେ। ଏହି ଖବରଦାତା ସମ୍ମିଳନୀରେ ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ମୋନାଲିସା ଆଚାର୍ଯ୍ୟ, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି, ଟାଉନ ଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇ, ଏସ୍‌ଡିପିଆରଓ ଯଶୋଦା ଗାଦବାଙ୍କ ସହ ବିଭିନ୍ନ ରାଜନୈତିକ ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ।

# ନଦୀରେ ବୁଡ଼ି ବ୍ୟବସାୟୀଙ୍କ ମୃତ୍ୟୁ

ପଟ୍ଟାଙ୍ଗି, ୨।୬(ଶରତ ଧଳ)

ଜଣେ ବ୍ୟକ୍ତି ନଦୀରେ ଲୁଗାପଟା ସଫା କରୁଥିବା ବେଳେ ମୂର୍ଚ୍ଛା ରୋଗ ବାହାରିବାରୁ ନଦୀରେ ବୁଡି ତାଙ୍କର ମୃତ୍ୟୁ ହୋଇଛି। ଏପରି ଘଟଣା କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ମାଳିପୁଟ ପଞ୍ଚାୟତର କୁନ୍ଦୁଲି ହାଟପଦାରେ ଘଟିଛି। ମୃତକ ହେଲେ ଦିଗନ ଶାହା। ସେ ଜଣେ ବ୍ୟବସାୟୀ ବୋଲି ଜଣାପଡିଛି।

ଖବରରୁ ପ୍ରକାଶ, ବିହାରର ମୋତିଆରି ଜିଲା ପତାଇଁ ଥାନା ଅନ୍ତର୍ଗତ ପଦମ ଖେର୍ ଗ୍ରାମର ଦିଗନ ଗତ କିଛି ଦିନ ହେଲା ଓଡ଼ିଶା ଆସି ପଟ୍ଟାଙ୍ଗି ବ୍ଲକର ହାଟପଦାରେ ରହି ବିଭିନ୍ନ ଗ୍ରାମ ବୁଲି ସୁନା ଗହଣା ସଫାସୁତୁରା କରି ଏହି ବ୍ୟବସାୟରୁ ହେଉଥିବା ଆୟରୁ ଚଳୁଥିଲେ। ତେବେ ତାଙ୍କର ମୂର୍ଚ୍ଛା ରୋଗ ରହିଥିଲା। ରବିବାର ପୂର୍ବାହ୍ନ ୧୦ଟାରେ ଦିଗନ ହାଟପଦା ନିକଟରେ ଥିବା ନଦୀକୁ ଗାଧୋଇବାକୁ ଯାଇଥିଲେ। ସାଙ୍ଗରେ ସେ ଲୁଗାପଟା ସଫାସୁତୁରା କରିବାକୁ ନେଇଥିଲେ।

**ମୂର୍ଚ୍ଛା ରୋଗ ନେଲା ଜୀବନ**

ଲୁଗାପଟା ସଫା କରୁଥିବା ସମୟରେ ତାଙ୍କର ମୂର୍ଚ୍ଛା ରୋଗ ବାହାରିଥିଲା। ସେ ପାଣିରେ ମୁହଁ ମାଡ଼ି ପଡି ଯାଇଥିଲେ। ଏହା ଜାଣିବା ପରେ ନିକଟରେ ଥିବା ସାହିବାସିନ୍ଦା ଓ କେତେ ଜଣ ଯୁବକ ପହଞ୍ଚି ଦିଗନଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ଘଟି ସାରିଥିଲା। ଖବରପାଇ ପୂର୍ବତନ ବ୍ଲକ ଅଧକ୍ଷ ଜଗତ ଜ୍ୟୋତି ପାଙ୍ଗି ପହଞ୍ଚି ଏନେଇ ପଟ୍ଟାଙ୍ଗି ପୋଲିସକୁ ଖବର ଦେଇଥିଲେ। ଥାନା ଅଧିକାରୀ ଚତୁର୍ଭୁଜ ନାୟକ, ଏସ୍ଆଇ ପ୍ରଦିପ୍ତ ମହାପାତ୍ର ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛନ୍ତି। ଏହାର ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ପରେ ତାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ। ତାଙ୍କ ସମ୍ପର୍କୀୟ ଜଲାପୁଟରୁ ଆସିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି।

# ବବୁଲଙ୍କୁ ଥଇଥାନ ପାଇଁ ଗ୍ରାମବାସୀଙ୍କ ଦାବି

ଦଶମନ୍ତପୁର, ୨।୬ (ଅରବିନ୍ଦ ନାୟକ)



ବବୁଲ

ବାପା ଚାଲିଯାଇଥିଲେ ୭ ବର୍ଷ ତଳେ। ଏବେ ମା' ଚାଲିଗଲେ ଆରପାରିକୁ। ଫଳରେ ୯ ବର୍ଷର ପୁଅ ବବୁଲ କୁମାର ଅନାଥ ହୋଇପଡିଛନ୍ତି। ଏପରି ଏକ ଘଟଣା ଦେଖିବାକୁ ମିଳିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ମହକୁମାର ବାଣୁଆଗୁଡା ଗ୍ରାମର ହାଟପଦା ସାହିରେ। ଏହି ସାହିର ବବଲୁଙ୍କ ବାପା ଚୈତନ୍ୟ କମାରଙ୍କ ରୋଗରେ ପୀଡିତ ହୋଇ ପରଲୋକ ହୋଇଯାଇଥିଲା। ମା' ନବୀନା କମାର କୁଲି ମଜୁରି ଲାଗି ପରିବାର ଚଳାଉଥିଲେ। ଏବେ ଗତ ୩୦ ତାରିଖରେ ପୁଅ ପାଇଁ କଞ୍ଚା କାଜୁ ମଞ୍ଜି ଆଣିବାକୁ ନିକଟସ୍ଥ କାଜୁ ଡଙ୍ଗରକୁ ଯାଇଥିଲେ। କାଜୁ ସଂଗ୍ରହ ସମୟରେ କାଜୁଗଛ ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ଘଟିଥିଲା।

ବାଣୁଆଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪ର୍ଥ ଶ୍ରେଣୀରେ ପାଠ ପଢୁଥିବା ବବୁଲ ପୂର୍ବରୁ ବାପାଙ୍କୁ ହରାଇ ଏବେ ମା'ଙ୍କୁ ହରାଇ ଅନାଥ ହୋଇପଡିଛନ୍ତି। ତାଙ୍କୁ ନେଇ ସମ୍ପର୍କୀୟମାନେ ଚିନ୍ତାରେ ପଡିଛନ୍ତି। ବବଲୁଙ୍କୁ ପ୍ରଶାସନ ପକ୍ଷରୁ ଥଇଥାନ କରିବାକୁ ସମ୍ପର୍କୀୟ ମୋତି କମାର, ଜୟରାମ କମାରଙ୍କ ସହ ଗ୍ରାମବାସୀ ପ୍ରଶାସନକୁ ନିବେଦନ କରିଛନ୍ତି।

# କୋରାପୁଟ ଫେରିଲେ ଶୀତିଲଗ୍ନା, ସୁବାସ

**ଜାତୀୟସ୍ତରୀୟ ପ୍ରେରଣା ଉତ୍ସବରେ ଯୋଗ ଦେଇଥିଲେ**

କୋରାପୁଟ, ୨।୬(ଅମିତାଭ ବେହେରା)

ନୂଆଦିଲ୍ଲୀସ୍ଥିତ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଗୁଜରାଟର ଭଦନଗରଠାରେ ଅନୁଷ୍ଠିତ ଜାତୀୟସ୍ତରୀୟ ପ୍ରେରଣା ଉତ୍ସବରେ ଯୋଗଦେଇ କୋରାପୁଟ ଜିଲା ପାଇଁ ଗୌରବ ଆଣିଛନ୍ତି କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନରେ ଅଧ୍ୟୟନ କରୁଥିବା ଛାତ୍ରୀ ଶୀତିଲଗ୍ନା ଶତପଥୀ ଓ ଲମତାପୁଟ ଗୋଡିହଞ୍ଜର ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ସୁବାସ ଖିଲ। ଗୁଜରାଟର ଗାନ୍ଧୀନଗର ନିକଟସ୍ଥ ଭଦନଗରଠାରେ ଗତ ମେ ୧୯ରୁ ୨୫ ତାରିଖଯାଏ ସପ୍ତାହବ୍ୟାପୀ ଚାଲିଥିଲା ଏହି ଶୈକ୍ଷିକ କାର୍ଯ୍ୟକ୍ରମ ପ୍ରେରଣା ଉତ୍ସବ। ଏଥିରେ ଓଡ଼ିଶା ସମେତ ଦେଶର ୧୦ଟି ରାଜ୍ୟରୁ ୨୦ ଜଣ ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ବିଷୟରେ ପାରଦର୍ଶିତା ହାସଲ କରି ଅଭିଜ୍ଞ ପ୍ରଶିକ୍ଷକମାନଙ୍କ ସହାୟତାରେ ସ୍ୱାଭିମାନ ଓ ବିନୟ, ଆତ୍ମସମ୍ମାନ, ସାହସିକତା, ପରିଶ୍ରମ ଓ ସମର୍ପଣ, ବିବିଧତା ମଧ୍ୟରେ ଏକତା, କରୁଣସେବା, ସତ୍ୟନିଷ୍ଠା, ଜିଜ୍ଞାସା ଓ ନୂତନ ଜ୍ଞାନ ଆହରଣ, ଶ୍ରଦ୍ଧା ଓ ବିଶ୍ୱାସ, ସ୍ୱତନ୍ତ୍ରତା, ଐତିହାସିକ ଓ ଆଧ୍ୟାତ୍ମିକତା ସମ୍ପର୍କରେ ଭଦନଗର ନିକଟସ୍ଥ ଅନେକ ଐତିହାସିକ ଓ ଆଧ୍ୟାତ୍ମିକ ସ୍ଥାନ ପରିଦର୍ଶନ କରି ଜ୍ଞାନଲାଭର ସୁଯୋଗ ପାଇଥିଲେ। ସୂଚନାଯୋଗ୍ୟ, କୋରାପୁଟ ଜବାହାର ନବୋଦୟ ବିଦ୍ୟାଳୟ ଦ୍ୱାରା ଆୟୋଜିତ ଜିଲାସ୍ତରୀୟ ପ୍ରତିଯୋଗିତାରେ ସଫଳତା ହାସଲ କରି ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି ପ୍ରେରଣା କାର୍ଯ୍ୟକ୍ରମରେ କୋରାପୁଟ ଜିଲାରୁ ଉପରୋକ୍ତ ୨ ଛାତ୍ରୀଛାତ୍ର ଗୁଜରାଟ ଯାଇଥିଲେ। କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ଅଧ୍ୟାପିକା ଗୀତାମଣି ଖରାଙ୍କ ନେତୃତ୍ୱରେ ଏହି ଦୁଇ ଛାତ୍ରୀଛାତ୍ର ଗୁଜରାଟ ଯାତ୍ରା କରିଥିଲେ। ଶୀତିଲଗ୍ନା ଓ ସୁବାସଙ୍କ ଏପରି ସଫଳତାକୁ ନେଇ ସେମାନଙ୍କ ବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା, ଶିକ୍ଷୟିତ୍ରୀ ଶିକ୍ଷକ ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପୂର୍ବରୁ ଶୀତିଲଗ୍ନା ଜାତୀୟ ସ୍ତରରେ ପୁରସ୍କୃତ ହୋଇ ସଂସଦର କେନ୍ଦ୍ରୀୟ କକ୍ଷରେ ଡ. ରାଜେନ୍ଦ୍ର ପ୍ରସାଦଙ୍କ ସମ୍ପର୍କରେ ସାରଗର୍ଭକ ବକ୍ତୃତା ପ୍ରଦାନ କରି କୋରାପୁଟ ଜିଲା ପାଇଁ ଗୌରବ ଆଣିଥିଲେ।



ଶୀତିଲଗ୍ନା ଓ ସୁବାସ।

## ପ୍ରେସର ବୋମା ବିସ୍ଫୋରଣରେ ଯୁବକ ଗୁରୁତର

ମାଲକାନଗିରି, ୨।୬(ଦୁର୍ଯ୍ୟୋଧନ ପତ୍ର)

ଛତିଶଗଡ଼ ବିଜାପୁର ଜିଲାରେ ଯବାନଙ୍କୁ ଟାର୍ଗେଟ କରି ମାଓବାଦୀମାନେ ଖଞ୍ଜିଥିବା ଏକ ପ୍ରେସର ବୋମା ବିସ୍ଫୋରଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ମାଡିବି ନନ୍ଦା। ବିଜାପୁର ଏସ୍‌ପି ଜିତେନ୍ଦ୍ର ଯାଦବଙ୍କ ସୂଚନା ଅନୁଯାୟୀ, ତେରେମ ଥାନା ଅଞ୍ଚଳରେ ଯବାନଙ୍କୁ ଟାର୍ଗେଟ କରି ମାଓବାଦୀମାନେ ରାସ୍ତାରେ ପ୍ରେସର ବୋମା ପୋତି ଥିଲେ। ସେହି ରାସ୍ତାରେ ନିକଟସ୍ଥ ଗ୍ରାମର ମାଡିବି ନମକ ଯୁବକ ଯାଉଥିବା ବେଳେ ହଠାତ ବୋମା ବିସ୍ଫୋରଣ ଘଟିଥିଲା। ଏଥିରେ ଯୁବକଙ୍କ ଗୋଡ଼ରେ ଆଘାତ ଲାଗି ସେ ଗୁରୁତର ହୋଇଛନ୍ତି। ଯବାନମାନେ ଉଦ୍ଧାର କରି ପ୍ରଥମେ ସିଆରପିଏଫ କ୍ୟାମ୍ପକୁ ନେଇ ପ୍ରାଥମିକ ଚିକିତ୍ସା କରି ପରେ ବିଜାପୁର ଜିଲା ହସ୍ପିଟାଲକୁ ସ୍ଥାନାନ୍ତର କରିଛନ୍ତି।

## ବଜ୍ରପାତରେ ୪ ବଳଦ ମୃତ

ଦାରିଙ୍ଗବାଡି, ୨।୬ (ଅରୁଣ ସାହୁ)

ଦାରିଙ୍ଗବାଡି ଅଞ୍ଚଳରେ ରବିବାର ମଧ୍ୟ କାଳବୈଶାଖୀ ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ପବନ ସହ ବଜ୍ରପାତ ହୋଇଛି। ଉକ୍ତ ବ୍ଲକ ପ୍ଲିହେରୀ ପଞ୍ଚାୟତର କିଲାବାଡ଼ି ଗ୍ରାମରେ ବଜ୍ରପାତ ହେବାରୁ ୪ଟି ବଳଦଙ୍କ ମୃତ୍ୟୁ ଘଟିଛି। ଗ୍ରାମର ଖ୍ରୀଷ୍ଟ ପ୍ରଧାନ ଏବଂ ରଞ୍ଜିତ ପ୍ରଧାନଙ୍କ ଏହି ବଳଦ ବୋଲି ଜଣାପଡିଛି। ସେମାନେ ଏନେଇ ପ୍ରଶାସନଙ୍କୁ ଲିଖିତ ଭାବେ ଜଣାଇବେ ବୋଲି କହିଛନ୍ତି। କାଳବୈଶାଖୀ ପ୍ରଭାବରେ ଗତ ୩ ଦିନ ହେଲା ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଜନଅସନ୍ତୋଷ ବୃଦ୍ଧି ପାଇଛି।

# ଦିନକ ପରେ ଫଳାଫଳ, ବଢୁଛି ଉତ୍କଣ୍ଠା

ସୁନାବେଡା/କୋରାପୁଟ, ୨।୬
(କୃତ୍ତିବାସ ପ୍ରଧାନ/ଅମିତାଭ ବେହେରା)

କୋରାପୁଟ ବ୍ଲକ, ସୁନାବେଡା ପୌରାଞ୍ଚଳ, ଲମତାପୁଟ ଓ ବୈପାରିଗୁଡା ବ୍ଲକକୁ ନେଇ ୧୪୪ ନଂ. କୋରାପୁଟ ବିଧାନସଭା କ୍ଷେତ୍ର ଗଠିତ। ଏହି କ୍ଷେତ୍ରରେ ବିଜେଡି, କଂଗ୍ରେସ, ଭାଜପା, ବିଏସ୍‌ପି, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ, ଏସ୍‌ୟୁସିଆଇ, ନବ ଭାରତ ନିର୍ମାଣ ସେବା, ଆମ୍ ଆଦ୍‌ମୀ ପାର୍ଟି ଓ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ମୋଟ ୧୨ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ। ସେହିପରି ପଟ୍ଟାଙ୍ଗି, ସେମିଳିଗୁଡା, ନନ୍ଦପୁର ଓ କୋରାପୁଟ ବ୍ଲକର ୪ଟି ପଞ୍ଚାୟତକୁ ନେଇ ୧୪୫ ନଂ. ପଟ୍ଟାଙ୍ଗି ବିଧାନସଭା କ୍ଷେତ୍ରରେ ବିଭିନ୍ନ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ମୋଟ ୮ ଜଣ ପ୍ରାର୍ଥୀ ରହିଥିଲେ। ଅନ୍ୟପକ୍ଷରେ କୋରାପୁଟ ଲୋକ ସଭା ଆସନ ପାଇଁ ବିଭିନ୍ନ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ୧୧ ପ୍ରାର୍ଥୀ ରହିଛନ୍ତି। ଏହି ସମସ୍ତ ପ୍ରାର୍ଥୀଙ୍କ ଭାଗ୍ୟ ଏବେ ଇଭିଏମ୍‌ରେ ସିଲ୍ ହୋଇ ରହିଛି। କଡ଼ା ସୁରକ୍ଷା ବଳୟରେ ଇଭିଏମ୍‌ଗୁଡିକ ଗଣତି କେନ୍ଦ୍ରଠାରେ ରହିଛି। ଆଉ ଦିନକ ପରେ ଭୋଟ ଗଣତି ହୋଇ ମତଦାତାମାନଙ୍କ ରାୟ ଆସିବ। ସେନେଇ ସବୁ ପ୍ରାର୍ଥୀଙ୍କ ମଧ୍ୟରେ ଅଙ୍କକଷା ସହ ଉତ୍କଣ୍ଠା ଜାରି ରହିଥିବା ବେଳେ ନିଜ ବିଜୟ ନେଇ ସେମାନେ ଆଶାବାଦୀ ଅଛନ୍ତି।

# ଗୌଡ଼ଗୁଡ଼ାରେ ଦନ୍ତ ଚିକିତ୍ସା ଶିବିର




ଶିବିରରେ ଲୋକେ ଦାନ୍ତ ଚିକିତ୍ସା କରୁଛନ୍ତି।

କୋରାପୁଟ, ୨।୬(ଅମିତାଭ ବେହେରା)

ରାଜର୍ଷୀ ବିକ୍ରମ ୱାର୍କର୍ସ କ୍ଲବ ପକ୍ଷରୁ ରବିବାର କୋରାପୁଟ ମ୍ୟୁନିସିପାଲିଟିର ଗୌଡ଼ଗୁଡା ଗ୍ରାମରେ ଏକ ମାଗଣା ଦନ୍ତ ଚିକିତ୍ସା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଗୌଡ଼ଗୁଡା ସମେତ ଆଖପାଖ ଗ୍ରାମର ଶତାଧିକ ଗ୍ରାମବାସୀ ଶିବିରରେ ଯୋଗଦେଇ ସେମାନଙ୍କ ଦାନ୍ତର ଚିକିତ୍ସା କରାଇଥିଲେ। ଦନ୍ତ ଚିକିତ୍ସକ ଡା. ନୟନ ସିଂ ଶିବିରରେ ଉପସ୍ଥିତ ବ୍ୟକ୍ତିଙ୍କୁ ଚିକିତ୍ସା କରି ଔଷଧ ଦେଇଥିଲେ। କ୍ଲବର ବରିଷ୍ଠ ଅଧିକାରୀ ଜଗନ ମୋହନ ସାହୁ ଶିବିର ପରିଚାଳନା କରିଥିଲେ। ସଭାପତି ଅଜିତ ପାତ୍ର, ସମ୍ପାଦକ ଲଳିତ ମୋହନ ପଟ୍ଟନାୟକ, କୋଷାଧ୍ୟକ୍ଷ ସରୋଜ ରଥ, ସଭ୍ୟ ଭାସ୍କର ରାଓ, ସୁନା ଗୌଡ଼, ଗୁପ୍ତ ଗୌଡ଼ଙ୍କ ସହ ସ୍ଥାନୀୟ ଅଧିବାସୀ ଉପସ୍ଥିତ ଥିଲେ।

# ୪ରେ ଭୋଟ ଗଣତି ପାଇଁ କର୍ମଚାରୀ, ଅଧିକାରୀଙ୍କୁ ଶେଷ ପର୍ଯ୍ୟାୟ ତାଲିମ



କର୍ମଚାରୀ ଓ ଅଧିକାରୀମାନଙ୍କୁ ତାଲିମ ଦିଆଯାଉଛି।

ମାଲକାନଗିରି, ୨।୬(ଦୁର୍ଯ୍ୟୋଧନ ପାତ୍ର)

ଗତ ୧୩ ତାରିଖରେ ମାଲକାନଗିରି ଜିଲାର ଦୁଇଟି ନିର୍ବାଚନମଣ୍ଡଳୀ ଚିତ୍ରକୋଣ୍ଡା, ମାଲକାନଗିରି ବିଧାନସଭା ଓ ନବରଙ୍ଗପୁର ଲୋକ ସଭା ଆସନ ଲାଗି ନିର୍ବାଚନ ଶେଷ ହୋଇଛି। ଆସନ୍ତା ୪ ତାରିଖରେ ନିର୍ବାଚନ ଫଳାଫଳ ଘୋଷଣା ନିମନ୍ତେ ଭୋଟ ଗଣତି କାର୍ଯ୍ୟ କିପରି କରାଯିବ ସେ ସମ୍ପର୍କରେ ରବିବାର ମାଲକାନଗିରି ସଦର ମହକୁମା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଗଣତିରେ ନିୟୋଜିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଜିଲାପାଳ ପାଓ୍ୱାର ସଚ୍ଚିନ ପ୍ରକାଶ ଶେଷ ପର୍ଯ୍ୟାୟ ତାଲିମ ଦେଇଛନ୍ତି। ପୋଷ୍ଟାଲ ବାଲଟ, ୧୪୬ ମାଲକାନଗିରି ଓ ୧୪୭ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀର ମୋଟ ୫୪୭ ଭୋଟ ଗ୍ରହଣ କେନ୍ଦ୍ରର ଇଭିଏମ୍‌ଗୁଡିକରେ ଥିବା ଭୋଟ ଗଣତି କରାଯିବ। ଏଥିପାଇଁ କି କି ପଦ୍ଧତି ଅବଲମ୍ବନ କରାଯାଇଛି ଏବଂ ପ୍ରତି ଟେବୁଲ ଦାୟିତ୍ୱରେ ଥିବା ଅଧିକାରୀ, କର୍ମଚାରୀ କିପରି ସୁଚାରୁ ରୂପେ କାର୍ଯ୍ୟ ନିର୍ବାହ କରିବେ, ବିଭିନ୍ନ ପ୍ରାର୍ଥୀଙ୍କ ଏଜେଣ୍ଟଙ୍କ ଉପସ୍ଥିତି, ସୁରକ୍ଷା ଇତ୍ୟାଦି ସମ୍ବନ୍ଧରେ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ, ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ସମସ୍ତ ତହସିଲଦାର, ବିଡିଓ, କାର୍ଯ୍ୟରେ ନିୟୋଜିତ ଥିବା ପ୍ରତ୍ୟେକ ବିଭାଗର ପଦାଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

# ରାସ୍ତା ଜାମ୍ ଯୋଗୁ ଅସୁବିଧାରେ ଖାଉଟି, ବ୍ୟବସାୟୀ

ମାଲାକନଗିରି, ୨।୬(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା ସୁଭାଷ ଛକଠାରୁ ଉପ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯିବା ଦୈନିକ ବଜାର ରାସ୍ତା ସବୁ ସମୟରେ ବିଭିନ୍ନ ଯାନବାହନ ଦ୍ୱାରା ଜାମ୍ ହେଉଥିବାରୁ ସାଧାରଣ ଲୋକ, ବ୍ୟବସାୟୀ, ଖାଉଟି ଏବଂ ଗାଡି ଚାଳକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାଟି ତଳସାହି ଦେଇ ସୁକ୍‌ମା ରାସ୍ତାକୁ ସଂଯୋଗ କରୁଥିବାରୁ ଯାନବାହନଗୁଡିକ ବାଇପାସ୍ ରାସ୍ତାରେ ନ ଯାଇ ସହର ମଧ୍ୟରେ ଯାତାୟାତ କରିବାରୁ ଏପରି ସମସ୍ୟା ସୃଷ୍ଟି ହେଉଛି। ଖାଉଟିମାନେ ମଧ୍ୟ ନିଜର ବାଇକ୍‌ଗୁଡିକ ରାସ୍ତାର ଉଭୟ ପାର୍ଶ୍ୱରେ ରଖୁଥିବାରୁ ଏହା ଅଧିକ ସମସ୍ୟା ସୃଷ୍ଟି କରୁଛି। ଏ ସମ୍ପର୍କରେ ଗତ ଦୁଇମାସ ପୂର୍ବରୁ ସ୍ଥାନୀୟ ପୋଲିସକୁ ଅବଗତ କରା ଯାଇଥିଲା। ପରେ ପୋଲିସ ପକ୍ଷରୁ ଦୈନିକ ବଜାରଛକରେ ଜଣେ ଗୃହରକ୍ଷୀଙ୍କୁ ନିୟୋଜିତ କରାଯାଇଥିଲା। ମାତ୍ର ୨ ସପ୍ତାହ ପରେ କୌଣସି ପୋଲିସ କର୍ମଚାରୀ ଏଠାରେ ଟ୍ରାଫିକ ନିୟନ୍ତ୍ରଣ କରୁ ନ ଥିବାରୁ ରବିବାର ପ୍ରବଳ ଭିଡ ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧୀକ ଯାନବାହନ ଅଟକି ରହିଥିଲା। ଫଳରେ ସାଧାରଣ ଲୋକ ବ୍ୟବସାୟୀ, ଖାଉଟିମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତୁରନ୍ତ ଦୈନିକ ବଜାର ଛକରେ ଟ୍ରାଫିକ ସମସ୍ୟା ଦୂରକରିବା ପାଇଁ ପୋଲିସ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



ଟ୍ରାଫିକ୍ ଜାମ୍ ଯୋଗୁ ବାଇପାସ୍ ରାସ୍ତାରେ ଅଟକି ରହିଥିବା ଯାନବାହନ।

**ସଂକ୍ଷେପରେ**

## ପୁଅ କାତି ଚୋଟରେ ମା' ଗୁରୁତର

ଦିଗପହଣ୍ଡି,୨।୬(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ସାହାଣୀ ସାହିରେ ରବିବାର ପାରିବାରିକ ହିଂସାରୁ ପୁଅର କାତି ଚୋଟରେ ମା' ଗୁରୁତର ହୋଇଛନ୍ତି। ଗୁରୁତର ଆହତ ପଦ୍ମିନୀ ଦାସଙ୍କୁ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦିଗପହଣ୍ଡି ପୋଲିସ ଅଭିଯୁକ୍ତ ପୁଅଙ୍କୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି।

## ଦିଗପହଣ୍ଡିରୁ ଛାତ୍ର ନିଖୋଜ

ଦିଗପହଣ୍ଡି,୨।୬(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡିରୁ ଜଣେ ୮ମ ଶ୍ରେଣୀ ଛାତ୍ର ମାନସ ରଞ୍ଜନ ମହାଲିକ ନିଖୋଜ ଥିବା ଅଭିଯୋଗ ହୋଇଛି। ସେ ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟର ଅବସରପ୍ରାପ୍ତ ଅତିରିକ୍ତ ତହସିଲଦାର ସନାତନ ମହାଲିକଙ୍କ ପୁଅ । ମାନସ ଖଲ୍ଲିକୋଟସ୍ଥିତ ଶିଶୁ ମନ୍ଦିରରେ ରହି ୮ମ ଶ୍ରେଣୀରେ ପଢୁଥିଲେ। ଶିଶୁ ମନ୍ଦିର ଖରାଛୁଟି ହେବାପରେ ସେ ବାପା ରହୁଥିବା ଦିଗପହଣ୍ଡିସ୍ଥିତ ସରକାରୀ କ୍ୱାର୍ଟର୍ସକୁ ଆସିଥିଲେ । ସେ ଗତ ୨୭ ତାରିଖଠାରୁ ଆକସ୍ମିକ ଭାବେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ମଧ୍ୟ ମାନସଙ୍କ କୌଣସି ସନ୍ଧାନ ମିଳିନାହିଁ। ଏନେଇ ସନାତନ ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ପୋଲିସ ନଂ. ୨୩୨/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## କାଳ ବୈଶାଖୀ ବର୍ଷା, ଗ୍ରୀଷ୍ମପ୍ରବାହରୁ ଆଶ୍ୱସ୍ତି

ଫିରିଙ୍ଗିଆ,୨।୬(ବିକ୍ରମ ଦିଗାଲ)

ଗଞ୍ଜାମ ଜିଲା ଫିରିଙ୍ଗିଆ ବ୍ଲକର ବିଭିନ୍ନ ଅଞ୍ଚଳରେ ଶନିବାର ଓ ରବିବାର ଦୁଇଦିନ କାଳବୈଶାଖୀ ବର୍ଷା ହୋଇଛି। ଏହାର ପ୍ରଭାବରେ ଗ୍ରୀଷ୍ମ ପ୍ରବାହରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି । କିଛିଦିନ ହେଲା ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିଲା। ସକାଳ ୮ଟା ପରେ ଘରୁ ବାହାରକୁ ବାହାରିବା ମୁସ୍କିଲ ହେଉଥିଲା। ଅପରାହ୍ନରେ ପ୍ରାୟ ଦୁଇ ଦିନ ଧରି କାଳବୈଶାଖୀ ଝଡ଼ତୋଫାନ ଓ ବର୍ଷା ହେବା ଫଳରେ ଅଞ୍ଚଳବାସୀଙ୍କୁ ଆଶ୍ୱସ୍ତି ମିଳିଥିବା ଦେଖିବାକୁ ମିଳିଛି। କାଳବୈଶାଖୀ ପ୍ରଭାବରେ ଫିରିଙ୍ଗିଆ ବ୍ଲକର ବିଭିନ୍ନ ଅଞ୍ଚଳରେ ଗଛପଡ଼ିବିଦ୍ୟୁତ୍‌ତାର ଛିଣ୍ଡିଯାଇଛି।

## ମାଡ଼ ମାରି ମୋବାଇଲ ଲୁଟ

ବ୍ରହ୍ମପୁର,୨।୬(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ଡେଲିଭର ବୟଙ୍କୁ ମାଡ଼ ମାରି ମୋବାଇଲ ଫୋନ୍ ଲୁଟ ହୋଇଥିବା ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୨୭୧/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରିଛି। ଗୋସାଣିନୂଆଗାଁ ଥାନା ନୀଳକଣ୍ଠନଗର ନିକଟ ବିମଳା ନଗରରେ ରହୁଥିବା ଶକ୍ତିଶ୍ୱର ନାୟକ ଖାଦ୍ୟ ସାମଗ୍ରୀ ଯୋଗାଣ ପାଇଁ ଏକ କମ୍ପାନୀର ଡେଲିଭର ବୟ ଭାବେ କାମ କରନ୍ତି।

# କାଳବୈଶାଖୀ ତାଣ୍ଡବ, ବ୍ୟାପକ କ୍ଷୟକ୍ଷତି





ବାକଟିଗୁଡା ଗ୍ରାମରେ କାଳବୈଶାଖୀ ପ୍ରଭାବରେ ଘରର ଛପର ଉଡିଯାଇଛି।

କୋଡିଙ୍ଗା,୨।୬ (ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ବିଏମ୍ ସେମଳା ପଞ୍ଚାୟତ ଅନ୍ତର୍ଗତ ବାକଟିଗୁଡାରେ ରବିବାର କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ସୂଚନା ମିଳିଛି । ରବିବାର ଅପରାହ୍ନରେ ହଠାତ ଜୋରରେ ପବନ ବହିବା ସହ ଘଡଘଡି ସହ ବର୍ଷା ହୋଇଥିଲା । ପ୍ରବଳ ବେଗରେ ପବନ ବହିବା ଯୋଗୁ ଗ୍ରାମର ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ଲୋକଙ୍କ ଘରର ଛପର ଉଡିଯାଇଥିବା ଦେଖିବାକୁ ମିଳିଛି। ସେହିପରି ୫୦ରୁ ଊର୍ଦ୍ଧ୍ୱ ଗଛ ଉପୁଡି ରାସ୍ତା ଅବରୋଧ ରହିଥିବା ସୂଚନା ମିଳିଛି। ଏଥିସହ କୁଆପଥର ମାଡ଼ ଯୋଗୁ ମକା ଫସଲ, ପନିପରିବା ଚାଷ ନଷ୍ଟ ହୋଇଯାଇଥିବା ସୂଚନା ମିଳିଛି । କାଳବୈଶାଖୀ ଯୋଗୁ ୨୫ ଗରିବ ପରିବାର ବାସହରା ହୋଇପଡ଼ିଥିବାରୁ ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବିକରିଛନ୍ତି।

## ଘର ଉପରେ ପଡ଼ିଲା ଗଛ, ବର୍ତ୍ତିଲେ ଲୋକେ

ଧୋଡ୍ରା,(ଗଣେଶ ଛତ୍ରା)

ଝରିଗାଁ ବ୍ଲକ ଚାଟିଗୁଡା, ଡଙ୍ଗରିଗୁଡା, ଧାମନାଗୁଡ଼ା ଓ ଆଖ ପାଖ ଅଞ୍ଚଳରେ ରବିବାର ଅପରାହ୍ନ ୫ଟାରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ଝଡ଼ ବର୍ଷା ସହ ବଜ୍ରପାତ ହୋଇଥିଲା। ଫଳରେ ଅଞ୍ଚଳର ବିଭିନ୍ନ ସ୍ଥାନରେ ଗଛ ଡାଳ ଭାଙ୍ଗି ରାସ୍ତା ଅବରୋଧ ହେବା ସହ ଅନେକ ବିଦ୍ୟୁତ ତାର ଉପରେ ମଧ୍ୟ ଗଛ ଡାଳ ଭାଙ୍ଗିଥିବାରୁ ବିଦ୍ୟୁତ ସେବା ବ୍ୟାହତ ହୋଇଛି। ଖବରପାଇ ଅଗ୍ନିଶମ ବିଭାଗ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗଛ ଡାଳ କାଟି ସଫା କରିବା ପରେ ଗାଡି



ଚାଟିଗୁଡା ଗ୍ରାମରେ ଜଣଙ୍କ ଘର ଉପରେ ଗଛ ଉପୁଡ଼ି ପଡ଼ିଛି।

ଚଳାଚଳ ସ୍ୱାଭାବିକ ହୋଇଥିଲା। ଚାଟିଗୁଡାରେ ପାର୍ବତୀ ସୁନାଙ୍କ ଘରେ ଏକ ବିରାଟ ଗଛ ଚେର ସହିତ ଉପୁଡି ଘର ଉପରେ ପଡିଯାଇଛି। ତେବେ ପରିବାର ଲୋକେ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିବା ସୂଚନା ମିଳିଛି। ସେହିଭଳି ଚାଟିଗୁଡାର ଘାଷି ଚଲାନଙ୍କ ଘର ଉପରେ ଗଛ ପଡ଼ିବାରୁ ଘର ଭାଙ୍ଗିଯାଇଛି । ଦୁଇ ପରିବାରକୁ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି ।

## ସାପ କାମୁଡ଼ାରେ ନାବାଳକ ମୃତ

ପାପଡ଼ାହାଣ୍ଡି,୨।୬ (ସ୍ୱପ୍ନଜିତ ପଟ୍ଟନାୟକ)

ସାପ କାମୁଡ଼ାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳକ ହେଲେ ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଖୁଟବାଇ ଗ୍ରାମର ଧରମ ଦାସ ଗୌଡ଼ଙ୍କ ପୁଅ ଗୋଜେନ୍ଦ୍ର ଗୌଡ଼ (୭) । ରବିବାର ସକାଳେ ଗୋଜେନ୍ଦ୍ରଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିବାବେଳେ ଚିକିତ୍ସାରେ ବିଳମ୍ବ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଗୋଜେନ୍ଦ୍ର ରବିବାର ସକାଳ ପ୍ରାୟ ୯ଟାରେ ନିଜ ଘର ନିକଟକୁ ଶୌଚ ପାଇଁ ଯାଇଥିଲେ। ସେହି ସମୟରେ ତାଙ୍କ ଡାହାଣ ଗୋଡ଼ ପାଦକୁ ଏକ ବିଷାକ୍ତ ନାଗ ସାପ କାମୁଡ଼ି ଦେଇଥିଲା । ଗୋଜେନ୍ଦ୍ର ଏ ନେଇ ପରିବାର ଲୋକଙ୍କୁ ଜଣାଇବାରୁ ସେମାନେ ତାଙ୍କୁ ମେଡିକାଲ ନେବା ପରିବର୍ତ୍ତେ ସ୍ଥାନୀୟ ଅଞ୍ଚଳରେ ଦେଶୀ ଚିକିତ୍ସା କରାଇଥିଲେ । କିନ୍ତୁ ପରେ ଗୋଜେନ୍ଦ୍ରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ହେବାରୁ ଅପରାହ୍ନ ୩ଟା ୩୦ରେ ପରିବାର ଲୋକେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପାପଡ଼ାହାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ଗୋଜେନ୍ଦ୍ରଙ୍କୁ ପ୍ରାଥମିକ ଚିକିତ୍ସା କରିବା ପରେ ମୃତ ଘୋଷଣା କରିଥିଲେ। ଏ ନେଇ ପରିବାର ତରଫରୁ କୋଡ଼ିଙ୍ଗା ଥାନାରେ ଅଭିଯୋଗ ପରେ ପୋଲିସ କେଶ ନମ୍ବର ୮/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଅସହ୍ୟ ଗରମ ସାଙ୍ଗକୁ ଅଘୋଷିତ ବିଦ୍ୟୁତ୍ କାଟ

ନବରଙ୍ଗପୁର,୨।୬(ସଦାଶିବ ପ୍ରହରାଜ)

**ସହରବାସୀ ଅତିଷ୍ଠ**

ନବରଙ୍ଗପୁର ସହରରେ ଅସହ୍ୟ ଗରମ ଓ ଗୁଳୁଗୁଳି ଯୋଗୁ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ଏହାସହିତ ଟାଟା ପାୱାରର ଅଘୋଷିତ ବିଦ୍ୟୁତକାଟ୍ ଲୋକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି। ଶନିବାର ମଧ୍ୟାହ୍ନ ସମୟରେ କିଛି ସମୟ ପାଇଁ କାଳବୈଶାଖୀ ସହ କୁଆପଥର ବର୍ଷା ହୋଇଥିଲା। ଏହାପରେ ଅପରାହ୍ନ ୩ଟାରୁ ସହରର ୧୩, ୧୪ ଓ ୧୫ ନମ୍ବର ୱାର୍ଡରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଗଲା। ରାତି ସାଢେ ୮ଟାରେ ବିଦ୍ୟୁତ ସେବା ମିଳିଲା, ହେଲେ ଲୋ ଭୋଲଟେଜ ରହିଲା । ଜନସାଧାରଙ୍କ ବାରମ୍ବାର ଅଭିଯୋଗ ପରେ ମଧ୍ୟ ରବିବାର ଅପରାହ୍ନ ପର୍ଯ୍ୟନ୍ତ ଲୋ ଭୋଲଟେଜ ସମସ୍ୟାର ସମାଧାନ ହୋଇପାରିଲା ନାହିଁ । ୨୩ ଘଣ୍ଟା ପରେ ବିଦ୍ୟୁତ ସଂଯୋଗ ସ୍ୱାଭାବିକ ହେଲା। ବିଦ୍ୟୁତ୍ ଆସିବାର କିଛି ଘଣ୍ଟା ପରେ ରବିବାର ସନ୍ଧ୍ୟା ୬ଟାରେ ପୁଣି ପାୱାରକଟ୍ ହୋଇଛି। କେତେବେଳେ ବିଦ୍ୟୁତ୍ ଆସିବ ତା'ର ଖବର କାହା ପାଖରେ ନାହିଁ। ବିଦ୍ୟୁତ୍ ସମସ୍ୟା ବିଷୟରେ ଅଭିଯୋଗ ପାଇଁ ଟାଟା ପାୱାର ଟୋଲଫ୍ରି ନମ୍ବର ୧୯୧୨କୁ ଯୋଗାଯୋଗ କଲେ କାହାର କିଛି ଗୁରୁତ୍ୱ ନାହିଁ। କେବଳ ସହଯୋଗ କରନ୍ତୁ ଏହାହିଁ ଉତ୍ତର ମିଳୁଥିଲା । ଅଭିଯୋଗ କରିବାର ୧୬ ଘଣ୍ଟା ପର୍ଯ୍ୟନ୍ତ ବିଭାଗର ନିଘା ନାହିଁ । ଖରାରେ ବାହାରକୁ ଯିବାକୁ ପ୍ରଶାସନ ପକ୍ଷରୁ ସତର୍କ କରାଯାଇଥିବାବେଳେ ଲୋ ଭୋଲଟେଜ୍ ଯୋଗୁ ଘରେ ଫ୍ୟାନ ବୁଲୁନାହିଁ, କି ପାଣି ମୋଟର ଚାଲୁନି । ଅସହ୍ୟ ଗରମ ଓ ପାନୀୟ ଜଳ ପାଇଁ ସହରବାସୀ ଡହଳ ବିକଳ ହେଉଥିବା ଦେଖାଦେଇଛି। ଗ୍ରାହକ ସେବା ନାଁରେ ଲୋକଙ୍କୁ ମାନସିକ ନିର୍ଯାତନା ଦିଆଯାଉଥିବା ଗ୍ରାହକମାନେ ଅଭଯୋଗ କରିଛନ୍ତି । ଏଭଳି ଅଘୋଷିତ ବିଦ୍ୟୁତ୍‌କାଟ, ଲୋ ଭୋଲଟେଜ ଅଭିଯୋଗ ପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଟାଟା ପାୱାର ବିଦ୍ୟୁତ ସେବା ଯୋଗାଇବାର ପାରିବାପଣିଆ ଉପରେ ଗ୍ରାହକ ପ୍ରଶ୍ନ ଉଠାଉଛନ୍ତି ।

# କବିର ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି



କବିର ଜୟନ୍ତୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

ଝରିଗାଁ,୨।୬(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅନ୍ତର୍ଗତ କୁସୁମୀ ଗ୍ରାମରେ ଜିଲା ମାନିକପୁରୀ ପନକା ସମାଜର କବିର ଜୟନ୍ତୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାଜର ଜିଲା ସଭାପତି ନୀଳାମ୍ବର ପନକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଆସନ୍ତା ୨୧ତାରିଖରେ ହେବାକୁ ଥିବା କବିର ଜୟନ୍ତୀ ପ୍ରତିବର୍ଷ ଭଳି କିପରି ଆଡମ୍ବର ସହକାରେ ପାଳନ କରାଯିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ଝରିଗାଁ, ଉମରକୋଟ, ରାଇଘର, ଡାବୁଗାଁ, ପାପଡାହାଣ୍ଡି, କୋଷାଗୁମୁଡା ଏବଂ ନବରଙ୍ଗପୁରରୁ ବ୍ଲକ ସଭାପତି, ସମ୍ପାଦକ ଓ ଅନ୍ୟ କର୍ମକର୍ତ୍ତା ଯୋଗଦେଇ ନିଜର ମତାମତ ଦେଇଥିଲେ। ବୈଠକକୁ ମିଡ଼ିଆ ସଂଯୋଜକ ପ୍ରୀତମ ପନକା ପରିଚାଳନା କରିଥିଲେ । ଝରିଗାଁ ବ୍ଲକ ସଭାପତି ଲକ୍ଷ୍ମୀଧର ପନକା ଉପସ୍ଥିତ ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ସମ୍ପାଦକ ମାନସାୟ ପନକା, ଉପସଭାପତି ମାଧବ ପନକା, ଉପସଭାପତି ରମେଶ ଦାସ, କୋଷାଧ୍ୟକ୍ଷ ନାରାୟଣ ପନକା, ଉମରକୋଟ ବ୍ଲକ ସଭାପତି ମୋହନ ଦାସ ପନକା, ରାଇଘର ବ୍ଲକ ସଭାପତି ଶୁକଚନ୍ଦ ପନକା, ଡାବୁଗାଁ ବ୍ଲକ ସଭାପତି ଦୁର୍ଯ୍ୟୋଧନ ଦାସ, ଶଙ୍କର ଦାସ ପନକା, ପିଲାବାବୁ ପନକା, ମନୋହର ପନକା, ତୁଳସୀ ଦାସ ପନକା, ଖଗ ଦାସ ମହନ୍ତ, ବେଣୁ ଦାସ ମହନ୍ତ, ଲଛମନ ପନକା, ପୀତାମ୍ବର ପନକା, କୃଷ୍ଣଦାସ ପନକା, ପୂର୍ଣ୍ଣଚନ୍ଦ୍ର ପନକା, ଲାବଣ୍ୟବତୀ ପନକା, ସରିତା ପନକା, ସବିତା ପନକା, ଲକ୍ଷ୍ମୀ ପନକା, ବୃନ୍ଦୀ ପନକାଙ୍କ ସମେତ ଶତାଧିକ ଲୋକ ଉପସ୍ଥିତ ଥିଲେ।

## ଏମ୍‌କେସିଜିରେ ଲାଞ୍ଚ ଅଭିଯୋଗ

ବ୍ରହ୍ମପୁର,୨।୬ (ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି(ଏମକେସିଜି) ମେଡିକାଲ ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗ ଲେବର ରୁମରେ ଜଣେ ରୋଗୀ ସମ୍ପର୍କୀୟଙ୍କ ଠାରୁ ଆଉଟସୋର୍ସିଂ ଆଟେଣ୍ଡାଣ୍ଟମାନେ ଲାଞ୍ଚ ନେଇଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ଏମ୍‌କେସିଜିର ନିୟମିତ ସୁଇପରଙ୍କ ମଧ୍ୟ ହାତ ଥିବା ଅଭିଯୋଗ ହୋଇଛି ।

## ମାନସିକ ବିକୃତ ଯୁବତୀଙ୍କୁ ଥଇଥାନ ଦାବି

ଉମରକୋଟ,୨।୬ (ସନ୍ତୋଷ ଶତପଥୀ )

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅନ୍ତର୍ଗତ ବଡଭରଣ୍ଡି ଗ୍ରାମପଞ୍ଚାୟତର ନାଗରା ଡଙ୍ଗରୀ ଗ୍ରାମର ୧୯ ବର୍ଷୀୟା ପୁଷମଣି ଭତ୍ରା ପିଲା ଦିନରୁ ମା'ବାପା ଛେଉଣ୍ଡ। ପୁଷମଣି ଟିକେ ବଡ଼ ହେବା ପରେ ସେ ମାନସିକ ବିକୃତ ଥିବା ଜଣାପଡ଼ିଲା। ହେଲେ ତାଙ୍କର ମା'ବାପା ନ ଥିବାରୁ ଠିକ୍ ସମୟରେ ତାଙ୍କର ଚିକିତ୍ସା କରାଯାଇପାରିଲା ନାହିଁ। ବଡବାପା ବହୁତ କଷ୍ଟେମଷ୍ଟେ ପୁଷମଣିଙ୍କର ଲାଳନପାଳନ କରିବା ସହ ତାଙ୍କ ଗୋଡରେ ଶିଙ୍କୁଳି ବାନ୍ଧି ଘରେ ରଖିଥିଲେ। ଫଳରେ ଚିକିତ୍ସା ଅଭାବରୁ ଶିଙ୍କୁଳିରେ ବନ୍ଧା ହୋଇ ରହିଗଲା ପୁଷଙ୍କ ଭାଗ୍ୟ। ତେବେ କିଛି ଦିନ ତଳେ ପୁଷ କୌଣସି ମତେ ଘରୁ ବାହାରି ଆସି ପୋଡାଗଡ ପାହାଡ ତଳେ ଅସହାୟ ଅବସ୍ଥାରେ ଗଛ ମୂଳେ ରହୁଥିଲେ। ଗତ ୨୩ ତାରିଖରେ ଖାଣ୍ଡା ଗ୍ରାମପଞ୍ଚାୟତ ଦେଓପୁର ଗ୍ରାମର ନରସିଂହ ହରିଜନଙ୍କ ପୁଅ ଗୋରୁଙ୍କୁ ନେଇ ପୋଡାଗଡ



ପୁଷମଣି ଭତ୍ରା

ପାହାଡକୁ ଯାଇଥିବାବେଳେ ପୁଷଙ୍କୁ ଦେଖି ବାପା ନରସିଂହ ଓ ମା ମଇନାଙ୍କୁ ଆସି ସବୁ କଥା କହିଥିଲେ। ସେମାନେ ସମସ୍ତେ ପୋଡ଼ାଗଡ ପାହାଡକୁ ଯାଇ ପୁଷଙ୍କୁ ଉଦ୍ଧାର କରି ଘରକୁ ଆଣି ଖାଇବାକୁ ଦେଇଥିଲେ। ଏ ନେଇ ନରସିଂହ ଖାଣ୍ଡା ସରପଞ୍ଚଙ୍କୁ ମଧ୍ୟ ଜଣାଇଥିଲେ। ସରପଞ୍ଚ ବିଭିନ୍ନ ସୋସିଆଲ ମିଡ଼ିଆରେ ପୁଷଙ୍କ ଫଟୋ ପୋଷ୍ଟ କରିବା ପରେ ଯୁବତୀଙ୍କ ଘର ନାଗରା ଡଙ୍ଗରି ବୋଲି ଜଣାପଡ଼ିଲା। ଖବରପାଇ ପୁଷଙ୍କ ବଡ ବାପା ଶନିବାର ନରସିଂହଙ୍କ ଘରକୁ ଆସି ତାଙ୍କୁ ସାଙ୍ଗରେ ନେଇ ଗାଁକୁ ଚାଲି ଯାଇଥିଲେ। ହେଲେ ସେ ପୁଷଙ୍କ ଲାଳନପାଳନ କରିପାରବେ ନାହିଁ ବୋଲି କହି ପୁଣି ତାଙ୍କୁ ଦେଓପୁର ଗ୍ରାମକୁ ଆଣି ନରସିଂହ ଘରେ ଛାଡ଼ି ଚାଲି ଯାଇଛନ୍ତି। ଅନ୍ୟପକ୍ଷେ ନରସିଂହ ଜଣେ ଦିନମଜୁରିଆ ହୋଇଥିବାରୁ ପୁଷଙ୍କ ଲାଳନପାଳନ ନେଇ ଚିନ୍ତାରେ ପଡିଯାଇଛନ୍ତି । ଯଦି ପୁଷଙ୍କୁ ଘରେ ଆଶ୍ରୟ ନ ଦେବେ ତାଙ୍କ ପ୍ରତି କିଛି ଅଘଟଣ ଘଟିବାର ଆଶଙ୍କା ଥିବାରୁ ନରସିଂହ ସ୍ଥାନୀୟ ଅଙ୍ଗନୱାଡି କର୍ମୀଙ୍କ ଉପସ୍ଥିତିରେ ଲେଖାଲେଖି କରି ଘରେ ରଖିଥିବା କହିଛନ୍ତି । ମାନସିକ ବିକୃତ ପୁଷଙ୍କ ଲାଳନପାଳନ ଓ ଚିକିତ୍ସା ଦାୟିତ୍ୱ ଜିଲା ପ୍ରଶାସନ ହାତକୁ ନେଉ ବୋଲି ସ୍ଥାନୀୟ ୱାର୍ଡ ମେମ୍ବର ସିନ୍ଧୁ ସାନ୍ତା ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

# ମୃତ ଆକାଉଣ୍ଟାଣ୍ଟଙ୍କ ପରିବାରକୁ ଆର୍ଥିକ ସହାୟତା

ପାପଡ଼ାହାଣ୍ଡି,୨।୬ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ବାମୁଣୀ ପଞ୍ଚାୟତର କାର୍ଯ୍ୟରତ ଆକାଉଣ୍ଟାଣ୍ଟ ହରିହର ଜାନିଙ୍କ ଶନିବାର ଚିକିତ୍ସାଧୀନ ଅବସ୍ଥାରେ ଖ୍ରୀଷ୍ଟିଆନ ମେଡିକାଲରେ ମୃତ୍ୟୁ ହୋଇଥିଲା। ରବିବାର ନିଜ ପୈତୃକ ଗାଁ ପାପଡ଼ାହାଣ୍ଡି ବ୍ଲକ ଚାନ୍ଦଲିଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏହି ଅବସରରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ବିଧାୟକ ଭୁଜବଳ ମାଝୀ, କୋଷାଗୁମୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ ତ୍ରିପାଠୀ ଉପସ୍ଥିତ ରହି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଆଶ୍ୱାସନା ଦେଇଥିଲେ। ସରକାରଙ୍କ ନିୟମ ଅନୁଯାୟୀ ହରିହରଙ୍କ ଶେଷକୃତ୍ୟ ସମ୍ପାଦନ ସକାଶେ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ସହ ବ୍ଲକ ପ୍ରଶାସନ ତରଫରୁ ଗ୍ରୁପ ଇନ୍‌ସ୍ୟୁରାନ୍ସ ରାଶି ୪ ଲକ୍ଷ ଟଙ୍କା ତଥା ପରିବାରର ଜଣକୁ ଯୋଗ୍ୟତା ଅନୁସାରେ ଚାକିରି ଯୋଗାଇ ଦେବାପାଇଁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ବିଡିଓ ତ୍ରିପାଠୀ ସୂଚନା ଦେଇଥିଲେ। ଶେଷକୃତ୍ୟ କାର୍ଯ୍ୟରେ ବ୍ଲକ ଅର୍ଥ ଅଧିକାରୀ ଜୟ ପ୍ରକାଶ ଦିଶାରୀ, ମୁଖ୍ୟ କିରାଣି ଅରୁଣ ବେହେରା, ବରିଷ୍ଠ ରାଜସ୍ୱ ସହାୟକ ସୁରେନ୍ଦ୍ର ମୋହନ ଦାସ, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ତ୍ରିଲୋଚନ ଛଞ୍ଚାଣ, ବିଆରସି କୀର୍ତ୍ତିରଞ୍ଜନ ସାହୁ, ଡାଟା ଏଣ୍ଟ୍ରି ଅପେରଟର ସଂଘର ସଭାପତି ଲିଙ୍ଗରାଜ ମିଶ୍ରଙ୍କ ସମେତ ଦେବେନ୍ଦ୍ର ତ୍ରିପାଠୀ, ଶିବ ସାହୁ, ଅମିତ ସାହୁ, ଦେବେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଶୋକ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ସ୍ୱର୍ଗତ ହରିହର ଜାନି ଗତ ମାର୍ଚ୍ଚ ୧୬ରେ ସରକାରୀ ଚାକିରିରେ ନିୟମିତ ହୋଇ କୋଷାଗୁମୁଡା ପଞ୍ଚାୟତ ସମିତି ଅଧୀନରେ ଥିବା ବାମୁଣୀ ଗ୍ରାମ ପଞ୍ଚାୟତରେ କାର୍ଯ୍ୟରତ ଥିଲେ। ଏହା ପୂର୍ବରୁ ସେ ପାପଡ଼ାହାଣ୍ଡି ବ୍ଲକରେ ଗ୍ରାମ ରୋଜଗାର ସହାୟକ ରୂପେ କାର୍ଯ୍ୟରତ ଥିଲେ ।



ଶେଷକୃତ୍ୟ ସମ୍ପନ୍ନ ସମୟରେ ବିଡିଓଙ୍କ ସହ ବିଧାୟକ ଏବଂ ଅନ୍ୟମାନେ।

## ପାଣି ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

ପୋଲସରା,୨।୫(ସୁବ୍ରତ ବେହେରା)

ପୋଲସରା ବିଜ୍ଞାପିତ ଅଞ୍ଚଳ ପରିଷଦ ୧୯ ଗୋଟି ୱାର୍ଡରେ ବସବାସ କରୁଥିବା ଲୋକେ ଦୀର୍ଘ ଦିନ ଧରି ପାଣି ପାଇବାରୁ ବଞ୍ଚିତ ରହିଛନ୍ତି । ୪୫ ଡିଗ୍ରୀ ତାପମାତ୍ରାରେ ଟୋପାଏ ପାଣି ଡହଳବିକଳ ହେଉଛନ୍ତି ପୋଲସରା ବାସିନ୍ଦା। ପାଣି ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରି ବାଃ ବାଃ ନେଉଛନ୍ତି ହେଲେ ଦୀର୍ଘ ଦିନ ଧରି ପାଣି ପାଇବାରୁ ବଞ୍ଚିତ ରହିଛନ୍ତି ଗ୍ରାମବାସୀ। ପୋଲସରା ଏନ୍‌ଏସି ୧୨ ନମ୍ବର ୱାର୍ଡର ମାଳିସାହି, ସୁବୁଦ୍ଧି ସାହି, ଡେରା ସାହି, ଏହିଭଳି ବିଭିନ୍ନ ୱାର୍ଡର ସାହିରେ ବସବାସ କରୁଥିବା ଲୋକେ ଦୀର୍ଘ ୧୦ ଦିନ ହେବ ପାଣି ପାଇନାହାନ୍ତି। ବାରମ୍ବାର ସ୍ଥାନୀୟ ଅଧିକାରୀଙ୍କୁ ଅଭିଯୋଗ କରିବା ପରେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଉକ୍ତ ସମସ୍ୟାକୁ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିବାରୁ କୌଣସି ଉତ୍ତର ମିଳି ପାରିନାହିଁ। ପାଣି ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଭୋଟ ଗଣତି ପାଇଁ ପ୍ରାର୍ଥୀ, କାଉଣ୍ଟିଂ ଏଜେଣ୍ଟଙ୍କୁ ନେଇ ବୈଠକ



ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଭୋଟ ଗଣତି ସମ୍ପର୍କରେ ସୂଚନା ଦେଉଛନ୍ତି।

ନବରଙ୍ଗପୁର,୨।୬(ସଦାଶିବ ପ୍ରହରାଜ)

୨୦୨୪ ସାଧାରଣ ନିର୍ବାଚନ ଭୋଟ ଗଣତି କିଭଳି ସୁରୁଖୁରୁ ଓ ଶାନ୍ତିଶୃଙ୍ଖଳାରେ ହେବ, ସେ ନେଇ ନବରଙ୍ଗପୁର କାଉଣ୍ଟିଂ ପର୍ଯ୍ୟବେକ୍ଷକ ଗୋପାଳ ବଲ୍ଲଭ ଝାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ସ୍ଥାନୀୟ ସର୍କିଟ ହାଉସଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ସମସ୍ତ ପ୍ରାର୍ଥୀ ଓ ତାଙ୍କ କାଉଣ୍ଟିଂ ଏଜେଣ୍ଟମାନେ ଯୋଗ ଦେଇଥିଲେ। ବୈଠକରେ ଉମରକୋଟ ଓ ଡାବୁଗାଁ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ରାକେଶ ଗୁପ୍ତା, ଝରିଗାଁ କାଉଣ୍ଟିଂ ପର୍ଯ୍ୟବେକ୍ଷକ ଜୟପ୍ରିଥ, ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ କମଳଲୋଚନ ମିଶ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ (ସାଧାରଣ), ନବୀନ ଚନ୍ଦ୍ର ନାୟକ (ରାଜସ୍ୱ) ଓ ଉପଜିଲାପାଳ ପ୍ରକାଶ କୁମାର ମିଶ୍ର ଉପସ୍ଥିତ ରହି କାଉଣ୍ଟିଂ ପାଇଁ ନିର୍ବାଚନମଣ୍ଡଳୀ ଅନୁଯାୟୀ ଟେବୁଲ ବ୍ୟବସ୍ଥା ଓ ଗଣତି ଆଦି ସମ୍ପର୍କରେ ଆଲୋକପାତ କରିଥିଲେ ।

